## କାଳବୈଶାଖୀ ପ୍ରଭାବରେ ଜୀବନଯାତ୍ରା ବ୍ୟାହତ

# ଉଡ଼ିଲା ଛପର, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ ଓ ଗଛ













କେନ୍ଦୁଝର/ବାଲିବନ୍ଧ, ୨୭।୫ (ସମିସ): କେନ୍ଦୁଝର ସଦର ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ଝଡ଼ପବନ ହୋଇଛି। ଝଡ଼ ପବନରେ ବଡ ବଡ ଗଛ ଉପୁଡି ପଡିବାରୁ କେତେକ ରାସ୍ତାରେ ଗାଡିମୋଟର ଚଳାଚଳ ବ୍ୟାହତ ହୋଇଛି। ଗଛ ପଡିଯିବାରୁ ଜଣେ ମହିଳା ଗୁରୁତର ହୋଇ ଡାକ୍ତରଖାନରେ ଭର୍ତ୍ତି ହୋଇଛନ୍ତି। ମହାଡେଇଯୋଡ଼ା ରାସ୍ତାରେ ପ୍ରବଳ ଝଡ଼ ପବନରେ ଗୋଟିଏ ଅଟୋ ଓଲଟି ପଡ଼ିଥିବାବେଳେ ଡ୍ରାଏଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନେକ କଚା ଘର ନଷ୍ଟ ହୋଇଛି। ସେହିପରି ବୁଧବାର ଅପରାହ୍ନରେ ଝୁମ୍ପୁରା ବ୍ଲକ ମୁଖ୍ୟାଳୟର ଝୁମ୍ପୁରା ପଞ୍ଚାୟତ ଏବଂ ଆଖପାଖ ପଞ୍ଚାୟତରେ ତାଣ୍ଡବ ରଚିଛି କାଳବୈଶାଖୀ। ପ୍ରବଳ ବର୍ଷା ସାଙ୍ଗକୁ ପବନ, ବିଜୁଳି ଏବଂ ଘଡଘଡି ହଠାତ ମାଡ଼ି ଆସିଲା। ଦେଖୁ ଦେଖୁ ସବୁ କିଛି ଓଲଟ ପାଲଟ ହୋଇଗଲା। ସୂଚନା ଅନୁଯାୟୀ, ଝୁମ୍ପୁରା ବ୍ଲକ ରୋଡ଼, ଝୁମ୍ପୁରା ବଜାର ମୁଖ୍ୟରାସ୍ତା, ଷ୍ଟେଟ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, ଝୁମ୍ପୁରା ଥାନା, ବିଷ୍ଣୁପୁର, ଭାଲୁକା ଆଦି ଅଞ୍ଚଳରେ ଗଛ ପଡି ରାସ୍ତା ଅବରୋଧ ସାଙ୍ଗକୁ ବିଦ୍ୟୁତ ତାର ପଡିଯାଇଛି। ଏହାବ୍ୟତୀତ ବିଷ୍ଣୁପୁର ଗ୍ରାମରେ ଏକ ଟ୍ରାନ୍ସଫର୍ମର ସହ ଦୁଇଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡି ରାସ୍ତା ଅବରୋଧ ହୋଇଛି। ବିଷ୍ଣୁପୁର ଗ୍ରାମର ଦୁଷ୍ମନ୍ତ ନାଏକଙ୍କ ଘର ଆଜବେଷ୍ଟସ ଉଡ଼ିଯାଇଛି। ଅସନପାଟ, ବାଲିବନ୍ଧ, ନହବେଡା, ଖେଣ୍ଡରା, ଖୁଣ୍ଟାପଡା, ବଡଡୁମୁରିଆ ଆଦି ପଞ୍ଚାୟତଗୁଡିକରେ ପ୍ରବଳ ବର୍ଷା ପବନ ସାଙ୍ଗକୁ କୁଆପଥର, ବିଜୁଳି, ଘଡଘଡି ଫଳରେ ବଡ଼ ବଡ଼ ଗଛ ଭାଙ୍ଗି ପଡି ଅନେକ କ୍ଷୟକ୍ଷତି ହୋଇଛି। ଫଳରେ ଝୁମ୍ପୁରା ଅଞ୍ଚଳରେ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଛି। ଝୁମ୍ପୁରା ଅଗ୍ନିଶମ ବିଭାଗ ପକ୍ଷରୁ ରାସ୍ତା ଉପରେ ପଡ଼ିଥିବା ଗଛଗୁଡିକୁ ହଟାଇବାର ବ୍ୟବସ୍ଥା କରାଯାଉଥିଲା।

**ମହିଳା ଗୁରୁତର, ଓଲଟିଲା ଅଟୋ**

## ପେଟ୍ରୋଲ, ଡିଜେଲ୍ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧିର ପ୍ରତିବାଦ



ଆନନ୍ଦପୁର, ୨୭।୫ (ସମିସ): ପେଟ୍ରୋଲ, ଡିଜେଲ୍ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଆନନ୍ଦପୁର ବିଜେଡି ପକ୍ଷରୁ ପେଟ୍ରୋଲ ଟାଙ୍କି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ନେତୃତ୍ୱରେ ଆନନ୍ଦପୁର ବିଏନ ହାଇସ୍କୁଲ୍ ନିକଟ ପେଟ୍ରୋଲ ଟାଙ୍କି ସମ୍ମୁଖରେ କର୍ମୀମାନେ ଏକତ୍ରିତ ହୋଇ ଡବଲ ଇଞ୍ଜନ ସରକାରକୁ ତୀବ୍ର ଭର୍ତ୍ସନା କରିଥିଲେ। ଦର ବୃଦ୍ଧି ଜନତାଙ୍କୁ ଅସହ୍ୟ କରୁଥିବା ବିଧାୟକ ବଦ୍ରି ପାତ୍ର କହିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଡବଲ ଇଞ୍ଜିନ ସରକାର ବିରୋଧରେ ଜନସାଧାରଣ ଜବାବ ଦେବେ ବୋଲି ଆନନ୍ଦପୁର ବିଧାୟକ ଅଭିମନ୍ୟୁ କହିଥିଲେ। ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ପୌରାଧକ୍ଷା ରଜନୀରାଣୀ ଖଟୁଆଙ୍କ ସମେତ ବିଜେଡି କାଉନସିଲରମାନେ ଉପସ୍ଥିତ ଥିଲେ। ଏହାସହିତ ଜିଲ୍ଲା ଯୁବନେତା ଅମରେନ୍ଦ୍ର ଧଳ, ଆନନ୍ଦପୁର ବ୍ଲକ ସଭାପତି ରାମଚନ୍ଦ୍ର ପଲେଇ, ଯୁବ ବିଜେଡି ନେତା ଦେବପ୍ରିୟ ପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ।

**ବିଜେଡିର ବିକ୍ଷୋଭ**

## ମଦ ଦୋକାନ ବନ୍ଦ ଦାବି

**ଜିଲ୍ଲାପାଳ, ଏସ୍‌ପି ଓ ଅବକାରୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର**




ବାରିପଦା,୨୭।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବେତନଟୀ ବ୍ଲକର ତଥା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମରେ ଚାଲିଥିବା ବିଦେଶୀ ମଦ ଦୋକାନକୁ ସ୍ଥାୟୀ ଭାବେ ବନ୍ଦ କରିବା ଏବଂ ଏହାର ଲାଇସେନ୍ସ ବାତିଲ କରିବା ପାଇଁ ମାଧବୀ ସେନାପତିଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ମହିଳା ମାନେ ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଏବଂ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମଦ ଦୋକାନ ଯୋଗୁଁ ଅଞ୍ଚଳରେ ଅସାମାଜିକ ଓ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ମାସ ହେବ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଆସନ୍ତା ୩୧ ମେ ୨୦୨୬ ସୁଦ୍ଧା ଯଦି ପ୍ରଶାସନ ଏହି ମଦ ଦୋକାନର ଲାଇସେନ୍ସ ବାତିଲ କରି ଏହାକୁ ସ୍ଥାୟୀ ଭାବେ ବନ୍ଦ ନକରେ, ତେବେ ଗ୍ରାମବାସୀ ଓ ଜନପ୍ରତିନିଧିମାନେ ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତେ ଆମରଣ ଅନଶନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ବାଲି ଚୋରି ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ବାରିପଦା/ବଡ଼ସାହି,୨୭।୫(ସମିସ): ବଡ଼ସାହି ତହସିଲ ଅଧୀନରେ ଅବୈଧ ବାଲି ଉତ୍ତୋଳନ ଓ ଚୋରି ସମ୍ପର୍କରେ ସ୍ଥାନୀୟ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ଖବରକୁ ଗୁରୁତ୍ୱ ଦେଇ ନବ ନିଯୁକ୍ତ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେଇଛନ୍ତି। ତହସିଲଦାର, ବଡ଼ସାହିଙ୍କ ପତ୍ର ନଂ. ୨୧୬୫ ତା. ୨୭.୦୫.୨୦୨୬ ରେ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଖବରରେ ଉଲ୍ଲେଖିତ ସ୍ଥାନରେ ତଦନ୍ତ କରି ଅଭିଯୋଗର ସତ୍ୟତା ଯାଞ୍ଚ କରିବେ। ଯଦି କୌଣସି ଅବୈଧ କାର୍ଯ୍ୟକଳାପ ଦେଖାଯାଏ, ତାହାର ଜିଓ-ଟ୍ୟାଗ୍‌ଡ୍ ଫଟୋ, ସମ୍ପୃକ୍ତ ବ୍ୟକ୍ତିଙ୍କ ବିବରଣୀ, ମୌଜା ବିବରଣୀ ଏବଂ ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ସହିତ ତିନି ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ତହସିଲଦାର ସ୍ପଷ୍ଟ ଭାବେ ଚେତାଇ ଦେଇଛନ୍ତି ଯେ, ଏହି ନିର୍ଦ୍ଦେଶରେ କୌଣସି ଅବହେଳା ହେଲେ ତାହା ଗୁରୁତର ଭାବେ ନିଆଯିବ। ପତ୍ରର ନକଲ ସମସ୍ତ ରାଜସ୍ୱ ପରିଦର୍ଶକ, ବାରିପଦା ଉପଜିଲ୍ଲାପାଳ ଓ ମୟୂରଭଞ୍ଜ ମାଇନିଂ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ପଦକ୍ଷେପ ବଡ଼ସାହି ତହସିଲ ଅଞ୍ଚଳରେ ଅବୈଧ ବାଲି ମାଫିଆଙ୍କୁ ନିୟନ୍ତ୍ରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

## ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ଉଦଳା,୨୭।୫(ସମିସ): କପ୍ତିପଦା ଉପଖଣ୍ଡର ବିଭିନ୍ନ ସମସ୍ୟାକୁ ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା କପ୍ତିପଦା ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷ କରି ଉଦଳାର ଜୀବନରେଖା ସଦୃଶ ଉଦଳା ଠାରୁ ବାରିପଦା ପର୍ଯ୍ୟନ୍ତ ରାଜ୍ୟ ରାଜପଥ - ୧୯ର ପୁନଃ ନିର୍ମାଣ, ଉଦଳା ଏନ୍‌ଏସି ପକ୍ଷରୁ କୌଣସି ଯୋଜନା କିମ୍ବା ବିକଳ୍ପ ବ୍ୟବସ୍ଥା ନକରି ଉଦଳା ବଜାରରେ ଥିବା ଦୋକାନ ଘର ଭାଙ୍ଗି ଛୋଟ ଛୋଟ ବ୍ୟବସାୟୀ ମାନଙ୍କୁ ବେରୋଜଗାର କରାଯାଉଥିବା କାର୍ଯ୍ୟକୁ ତୁରନ୍ତ ବନ୍ଦ ପ୍ରମୁଖ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନର ଚେତାବନୀ ଦେଇଛି ଜେଏମ୍‌ଏମ୍। ଜେଏମ୍‌ଏମ୍‌ର ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ସରପଞ୍ଚ ଠୁମ୍ପୁ ମୁର୍ମୁ, ସୁନୀଲ ଟୁଡୁ, ଉପଦେଷ୍ଟା ଚନ୍ଦନ ପଣ୍ଡା ପ୍ରମୁଖଙ୍କ ସହିତ ଅନ୍ୟ କର୍ମକର୍ତ୍ତା ମାନେ ଉପୋସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ



କପ୍ତିପଦା,୨୭।୫ (ସମିସ): କପ୍ତିପଦା ଅଞ୍ଚଳରେ ବେଧଡ଼କ ଚୋରା ଚାଲାଣ ହେଉଛି ବାଲି। ମାତ୍ର କେତୋଟି ଲିଜ୍ ବାଲିଘାଟ ଥିବାବେଳେ କପ୍ତିପଦା ଡାହିସାହି, ସୁଡସୁଡିଆ, ସୁଣ୍ଢଳ, ମହିଷାସୁରି ଓ ଗେଣ୍ଡାଗଡ଼ିଆ ଭଳି ଯାଗାରେ ବାଲି ଉତ୍ତୋଳନ ହୋଇ ଚୋରାରେ ଚାଲାଣ ହେଉଛି। କିଛିଦିନ ପୂର୍ବରୁ ସହକାରୀ ତହସିଲଦାରଙ୍କୁ ମରଣାନ୍ତକ ଆକ୍ରମଣ କରି କିଛି ବାଲିମାଫିଆ ଜେଲ ଯାଇଥିବା ବେଳେ ବାଲି ଚାଲାଣ ଏକ ପ୍ରକାର ବନ୍ଦ ଥିଲା। କିଛିଦିନ ପରେ ପୁଣି ସକ୍ରିୟ ହୋଇଛନ୍ତି ବାଲି ମାଫିଆ। ରାତି ତମାମ ବାଲି ଉଠାଉଥିବା ବେଳେ ଦିନ ଦ୍ୱିପହରରେ ମଧ୍ୟ ବାଲି ଚାଲାଣ ହେଉଛି। ଏ ନେଇ ଖଣି ବିଭାଗ, ତହସିଲ ପକ୍ଷରୁ ଚଢ଼଼ଉ ହେଉନଥିବା ବେଳେ ବୁଧବାର ଦିନ ଗଡ଼ସାହି ବାଲିଘାଟରୁ ଏକ ଟ୍ରାକ୍ଟର ଚୋରା ବାଲି ନେଉଥିବା ବେଳେ ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ତୁରନ୍ତ ଥାନା ପକ୍ଷରୁ ଚଢ଼ଉ କରି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ଥାନାରେ ଅଟକ ଥିବା ଜଣାପଡ଼ିଛି।

## ଆରମ୍ଭ ହେଲା ରବି ଧାନ ସଂଗ୍ରହ

ବାରିପଦା,୨୭।୫(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୫-୨୬ ଖରିଫ ବର୍ଷ ପାଇଁ ଚାଷୀମାନଙ୍କ ଠାରୁ ରବି ଧାନ କ୍ରୟ ଆରମ୍ଭ ହୋଇଛି। ବଡ଼ସାହି ବ୍ଲକ୍ ସାନକରକୋ ଲ୍ୟାମ୍ପସରେ ରବି ଧାନ କ୍ରୟ ନିମନ୍ତେ ମଣ୍ଡି ଉଦ୍‌ଘାଟନ ପୂର୍ବକ ଶୁଭାରମ୍ଭ ହୋଇଯାଇଛି। ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ସତ୍ୟଜିତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଏଆରସିଏସ ତୁଷାରକାନ୍ତି ମହାନ୍ତି, ଲ୍ୟାମ୍ପସ ପରିଚାଳନା ପରିଷଦର ସଭାପତି ବିଶ୍ୱନାଥ ସିଂଙ୍କ ସମେତ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଦିବସରେ ୨ ଜଣ ଚାଷୀଙ୍କଠାରୁ ୭୫.୧୨ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ପର୍ଯ୍ୟାୟ କ୍ରମେ ଜିଲ୍ଲାର ୨୮ଟି ଲ୍ୟାମ୍ପର ୨୯ଟି କେନ୍ଦ୍ରରୁ ଧାନକିଣା ଆରମ୍ଭ ହେବ। ମୟୂରଭଞ୍ଜ ଜିଲ୍ଲାରେ ରବିଧାନ ବିକ୍ରି ପାଇଁ ଚଳିତ ଥର ରେକର୍ଡ ସଂଖ୍ୟକ ମୋଟ ୫୧୯୪ଜଣ ଚାଷୀ ପଞ୍ଜିକୃତ କରିଥିବା ଜଣାପଡିଛି। ରାସଗୋବିନ୍ଦପୁର ଲ୍ୟାମ୍ପ୍‌ସରେ ସର୍ବାଧିକ ୮୩୨ଜଣ ଚାଷୀ ଥିବା ବେଳେ ଗୋପବନ୍ଧୁନଗରର ପଶୁଦା ଲ୍ୟାମ୍ପ୍‌ସରେ ସର୍ବନିମ୍ନ ୮ ଜଣ ଚାଷୀ ଧାନ ବିକ୍ରି କରିବେ।

## ବର୍ଷା ପବନରେ ଭାଙ୍ଗିଲା ଗଛ, ରାସ୍ତା ଅବରୋଧ



ରାଇରଙ୍ଗପୁର,୨୭।୫(ସମିସ): ଅସହ୍ୟ ତାତିରେ ରାଇରଙ୍ଗପୁରବାସୀ ଅତିଷ୍ଠ ହୋଇ ପଡ଼ିଥିବା ବେଳେ କାଳବୈଶାଖୀ ବର୍ଷା ତାତିରୁ ଆଶ୍ୱସ୍ତି ଆଣିଛି। ଜୋରରେ ପବନ ଓ ବର୍ଷା ଯୋଗୁଁ ଗୁଳୁଗୁଳି କମିବା ସହ ରାଇରଙ୍ଗପୁରର ଉପରମୁଁହା ତାପମାତ୍ରାରେ ବ୍ରେକ୍ ଲାଗିଛି। ରାଇରଙ୍ଗପୁରର ତାପମାତ୍ରା ୪୦ଡିଗ୍ରୀ ପାର ହୋଇଥିବା ବେଳେ ଗୁଳୁଗୁଳି ପାଇଁ ୫୦ଡିଗ୍ରୀର ତାପମାତ୍ରା ପରି ଅନୁଭୂତ ହେଉଥିଲା। ଯାହାକୁ ନେଇ ରାଜ୍ୟର ଉତ୍ତପ୍ତ ସହର ମଧ୍ୟରେ ରାଇରଙ୍ଗପୁର ଥିଲା। ବୁଧବାର ଅପରାହ୍ଣରେ କାଳବୈଶାଖୀ ବର୍ଷାରେ ଭିଜିଛି। କାଳ ବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିବା ସହ ବିଜୁଳି ହୋଇଥିଲା କାଳବୈଶାଖୀ ଯୋଗୁଁ ବିଭିନ୍ନ ସ୍ଥାନରେ ଛୋଟ ବଡ଼ ଗଛ ଭାଙ୍ଗିଛି। ଅଁଳାଡୁବା ୱାର୍ଡ ନମ୍ବର ୧୦ ଅଞ୍ଚଳରେ ପ୍ରବଳ ପବନରେ ଦୁଇଟି ବଡ଼ ଗଛ ଉପୁଡ଼ି ପଡ଼ିଛି। ଅଳ୍ପକେ ପଥଚାରି ମାନେ ବର୍ତ୍ତି ଯାଇଛନ୍ତି। କାହାର କିଛି କ୍ଷୟକ୍ଷତି ହୋଇନାହିଁ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଛନ୍ତି। ବୈଶାଖୀ ପାଇଁ ରାଇରଙ୍ଗପୁର ସହରରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା। କିଛି ଦିନର ପ୍ରଚଣ୍ଡ ଖରା ପରେ ଆଜିର ବର୍ଷା ଗରମରୁ ତ୍ରାହି ଦେଇଛି। ତେବେ ଗତ କିଛିଦିନ ହେବ ତାପମାତ୍ରାର ପାରଦ ଉପର ମୁଁହା ହୋଇଛି। ଯାହା ଫଳରେ ପ୍ରଚଣ୍ଡ ତାତି ସାଙ୍ଗକୁ ଝାଞ୍ଜି, ଗରମ, ଗୁଳୁଗୁଳି ଜାରି ରହିଥିଲା। ରାଇରଙ୍ଗପୁର ଅଞ୍ଚଳରେ ପ୍ରଚଣ୍ଡ ଗରମରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡିଥିଲେ। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ସକାଳୁ ଖରାର ପ୍ରକୋପ ଅସହ୍ୟ ବଢ଼ିବାରେ ହେଉଥିଲା। ତେବେ କାଳ ବୈଶାଖୀ ବୃଷ୍ଟିପାତ ଲୋକଙ୍କୁ ଆଶ୍ୱସ୍ତି ଦେଇଛି। ତେବେ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ ଅନୁଯାୟୀ ଆଗକୁ ଜିଲ୍ଲାରେ କାଳ ବୈଶାଖୀ ବୃଷ୍ଟିପାତ ହେବାର ମଧ୍ୟ ସମ୍ଭାବନା ରହିଛି। ଯାହାକି ତାତିର ପାରଦକୁ ଆହୁରି ନିମ୍ନଗାମୀ କରିବ।

**● ଶୁଣି ଶୁଣି ପାଠ ମନେରଖି ଓସିଏସ୍‌ରେ କୃତିତ୍ୱ**

## ଆଦିବାସୀ ପଡ଼ାରୁ ହେବେ ପ୍ରଶାସନିକ ଅଧିକାରୀ

ଆନନ୍ଦପୁର, ୨୭।୫(ସମିସ): ଘସିପୁରା ବ୍ଲକ ଖଲିଆମେଣ୍ଟା ପଞ୍ଚାୟତ ପଞ୍ଚୁଗୋଛିଆ ଗ୍ରାମର ଆଦିବାସୀ ଦୃଷ୍ଟିବାଧିତ ଯୁବକ କୃଷ୍ଣଚନ୍ଦ୍ର ହେମ୍ବ୍ରମ ଓଏଏସ ରେଜଲଟରେ ଓଡ଼ିଶାର ୧୮୫ ର୍‌ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ସ୍ଥାନୀୟ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଛୋଟ ବେଳୁ ବାପା, ମା'ଙ୍କୁ ହରାଇ ଅନାଥ ହୋଇଯାଇଥିବା ଆଦିବାସୀ ଦିବ୍ୟାଙ୍ଗ କୃଷ୍ଣଚନ୍ଦ୍ରଙ୍କ କ୍ଷେତ୍ରରେ ଏହି ଖବର ପାଇଁ ସ୍ଥାନୀୟ ଲୋକ ମଧ୍ୟ ବହୁତ ଖୁସି ଅଛନ୍ତି। ଗୋପାଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଦଶମ ଶ୍ରେଣୀ ପାସ କରି ୨୦୧୯ ରେ +୨ ପାସ କରିଥିଲେ। ପରେ କୋଚିଂ ପାଇଁ ପାଖରେ ଟଙ୍କାର ଅଭାବ ଥିଲା। ସେନେଇ କେନ୍ଦୁଝର ଜିଲ୍ଲାପାଳଙ୍କୁ ଉଚ୍ଚଶିକ୍ଷା ପାଇଁ ଅର୍ଥ ନିମନ୍ତେ ସାକ୍ଷାତ କରି ଅନୁରୋଧ କରିଥିଲେ। ତତ୍କାଳୀନ ଜିଲ୍ଲାପାଳ ଆଶିଷ ଠାକୁର ତାଙ୍କୁ ଆର୍ଥିକ ସହଯୋଗ କରିବାରୁ ଆଡ଼ମିସନ ସହ ପାଠ ପଢିବାର ସୁଯୋଗ ପାଇଥିଲେ। ଆଜି ଓଏଏସ ପାଇବା ପରେ ତତ୍କାଳୀନ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। 'ସେ ଯେଉଁଠି ଅଛନ୍ତି ତାଙ୍କର ଆଶୀର୍ବାଦ ମୋ ଉପରେ ନିଶ୍ଚୟ ରହିଛି' ବୋଲି କହିଛନ୍ତି କୃଷ୍ଣଚନ୍ଦ୍ର। ଶିକ୍ଷକ ଭାବେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସୁନ୍ଦରଗଡ଼ରେ କାର୍ଯ୍ୟରତ ଥିବାବେଳେ ପିଲାଙ୍କୁ ପାଠ ପଢ଼ାଇବା ସହ ସମୟ ପାଇଲେ ନିଜେ ପାଠ ପଢି ଆଜି ତାଙ୍କ ସଂଘର୍ଷର ଫଳ ପାଇଛନ୍ତି ବୋଲି କହିଛନ୍ତି। ସମସ୍ତ ଶ୍ରେୟ ଭଗବାନ ଆଉ ମୋର ଗୁରୁଜନ ଭାଇଭାଉଜ ଏବଂ ଗ୍ରାମବାସୀଙ୍କୁ ଦେବି ବୋଲି କହିଛନ୍ତି। କୃଷ୍ଣଚନ୍ଦ୍ର ଜୀବନରେ କଳାପଟା ଦେଖି ନାହାନ୍ତି। ଯେହେତୁ ତାଙ୍କ ଆଖିକୁ ଠିକରେ ଦେଖା ଯାଏନି, ତେଣୁ ସେ ଶୁଣି ଶୁଣି ପାଠ ମନେ ରଖିଥାନ୍ତି। ଘସିପୁରା ବ୍ଲକ ପଞ୍ଚୁଗୋଛିଆ ଭଳି ଆଦିବାସୀ ଅଧ୍ୟୁଷିତ ଗାଁର ଅନାଥ କୃଷ୍ଣଚନ୍ଦ୍ରଙ୍କୁ ଅର୍ଥାଭାବ ବାଧା ଦେଇ ପାରିନାହିଁ।

**ପଞ୍ଚୁଗୋଛିଆ ଗ୍ରାମର ଟେକ ରଖିଲେ କୃଷ୍ଣଚନ୍ଦ୍ର**

# ପୋଖରୀ ଖୋଳିବା ଆଳରେ ଝରଣା ପୋତିବାକୁ ବିରୋଧ



ବାରିପଦା/ବଡ଼ସାହି,୨୭।୫(ସମିସ)

ବଡ଼ସାହି ବ୍ଲକ ଯଦୁନାଥପୁର ପଞ୍ଚାୟତର ନରଣପୁର ଓ ହିଞ୍ଜଳଗଡିଆ ମୌଜାର ଝରଣା (ପ୍ରାକୃତିକ ପ୍ରବାହମାନ ନାଳ) ପୋତିବାକୁ ନେଇ ୪ଟି ପଞ୍ଚାୟତର ନିର୍ଭରଶୀଳ ୩ ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଘରୋଇ ଭାବେ ସରକାରୀ ରିହାତି ମତ୍ସ୍ୟ ପୋଖରୀ ଖନନରେ ବାହାରୁଥିବା ମାଟିକୁ ପ୍ରବାହମାନ ନଦୀ, ଝରଣା ଓ ସରକାରୀ ଜଳାଶୟରେ ବେଆଇନ ଭାବେ ପକାଇ ଜଳସ୍ରୋତକୁ ରୋକିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହାକୁ ନେଇ ଲୋକ ପ୍ରତିନିଧିଙ୍କ ନେତୃତ୍ୱରେ ଶତାଧିକ ଚାଷୀ ବୁଧବାର ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଅଭିଯୋଗ କରିଛନ୍ତି। ୧୫ଦିନ ମଧ୍ୟରେ ଏଭଳି କାର୍ଯ୍ୟକୁ ବନ୍ଦ କରିବା ସହ ପଡ଼ିଥିବା ମାଟିକୁ ଉଠାଇ ଜଳାଶୟର ପୂର୍ବସ୍ଥିତି ଫେରାଇବାକୁ ନିବେଦନ କରିଛନ୍ତି। ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଗ୍ରାମବାସୀଙ୍କ ସମେତ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ନରଣପୁର ଓ ହିଞ୍ଜଳଗଡିଆ ମୌଜାରେ ପାର୍ଥସାରଥି ସ୍ୱାଇଁ ନାମକ ବ୍ୟକ୍ତି ଫାର୍ମ ହାଉସ ନାମରେ ମତ୍ସ୍ୟ ବିଭାଗ ପକ୍ଷରୁ ରିହାତି ଅନୁଦାନରେ ପୋଖରୀ ଖୋଳୁଛନ୍ତି। ଜେସିବି ମେସିନ ସହାୟତାରେ ଖୋଳାଯାଇ ଡମ୍ପର ଓ ଟ୍ରାକ୍ଟର ଦ୍ୱାରା ପୋଖରୀର ବଳକା ମାଟିକୁ ନେଇ ସରକାରୀ ରାସ୍ତା ଓ ଜଳାଶୟରେ ପକାଉଛନ୍ତି। ଏହାକୁ ବିରୋଧ କରିବା ସତ୍ତ୍ୱେ ବଳପୂର୍ବକ ମାଟି ପକାଇ ଜଳସ୍ରୋତକୁ ବନ୍ଦ କରାଯାଉଛି। ଏହାଦ୍ୱାରା ସମ୍ପୃକ୍ତ ଜଳାଶୟ ଉପରେ ନିର୍ଭୟଶୀଳ ଯଦୁନାଥପୁର, ସାନକେରକୋ, ପୂର୍ଣ୍ଣଚନ୍ଦ୍ରପୁର ଓ ନାଉପାଳ ପଞ୍ଚାୟତର ୩ ଶହରୁ ଚାଷୀମାନେ ଖରା ଓ ବର୍ଷାଦିନେ ଜଳ ବ୍ୟବହାରର କରି ଚାଷକାର୍ଯ୍ୟ ବ୍ୟାହତ ହେଉଛି। ଅପରପକ୍ଷରେ ବର୍ଷତମାମ ଗାଁ ଲୋକେ ଉପରୋକ୍ତ ଜଳାଶୟରେ ନିତ୍ୟବ୍ୟବହାର କରିଥାନ୍ତି ବୋଲି ପୂର୍ବତନ ସରପଞ୍ଚ ବିଶ୍ୱଜିତ ସିଂ ଓ ହରିହର ନାଏକ, ସମିତିସଭ୍ୟ ଶୁକ୍ରୁ ସିଂ କହିଛନ୍ତି। ତେବେ ସରକାରୀ ଜମକୁ ଅପବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସୀମା ନିର୍ଦ୍ଧାରଣ କରିବାକୁ ଜିଲ୍ଲା କଂଗ୍ରେସ କିଷାନ କଂଗ୍ରେସ ସଭାପତି ଦୀପକ କୁମାର ଦାଶ, ଦୁର୍ଯ୍ୟୋଧନ ହାଁସଦା, ଦାରଗା ମୁର୍ମୁ, ଛୋଟରାୟ ହାଁସଦା, ଜଗନ ମାଝୀଙ୍କ ସମେତ ୩ ଶହରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଚାଷୀମାନେ ଦାବିରେ ଉଲ୍ଲେଖ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ଜିଲ୍ଲାପାଳ ତୁରନ୍ତ ବଡ଼ସାହି ତହସିଲଦାରଙ୍କୁ ଘଟଣା ସ୍ଥଳ ପରିଦର୍ଶନ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ୪ ପଞ୍ଚାୟତର ଚାଷୀ**

## ମିଳୁନାହିଁ ଜମି ଅଧିଗ୍ରହଣ ଟଙ୍କା

# ବାଇପାସ୍ ନିର୍ମାଣ କାର୍ଯ୍ୟ ବନ୍ଦକଲେ ଗ୍ରାମବାସୀ

ରାଇରଙ୍ଗପୁର, ୨୭।୫(ସମିସ): ରାଇରଙ୍ଗପୁର ସହରବାସୀଙ୍କ ବହୁ ପ୍ରତିକ୍ଷୀତ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଆଶଙ୍କା ସୃଷ୍ଟି ହେବାରେ ଲାଗିଲାଣି। ଜମି ଅଧିଗ୍ରହଣରେ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଜନଅସନ୍ତୋଷ ସୃଷ୍ଟି ହୋଇଛି। ଜମି ଅଧିଗ୍ରହଣ ଟଙ୍କା ନ ଦେଇ ଜମିରେ ବାଇପାସ ନିର୍ମାଣ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଯାହାକୁ ନେଇ ରାଇରଙ୍ଗପୁର ବାଇପାସ ନିର୍ମାଣ କାର୍ଯ୍ୟକୁ ଗ୍ରାମବାସୀ ବନ୍ଦ କରିଛନ୍ତି। ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମିଜମା ବିବାଦ ସମାଧାନ କରି ନିର୍ମାଣ କାର୍ଯ୍ୟ ନେଇ ଜମି ହସ୍ତାନ୍ତରରେ ବାଧା ସୃଷ୍ଟି ହେବାରୁ ନିର୍ମାଣ କାର୍ଯ୍ୟ ସାରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାଞ୍ଚି-ବିଜୱାଡା ୨୨୦ ନମ୍ବର ଜାତୀୟ ରାଜପଥର ଇପିସି ମୋଡ଼ରେ ୨୦୨୨-୨୦୨୩ ବାର୍ଷିକ ଯୋଜନାରେ ଦୁଇ ଲେନ ବିଶିଷ୍ଟ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ମିଶ୍ରା କନଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଜମି ଅଧିଗ୍ରହଣ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ଜମି ବଦଳରେ ଯଥେଷ୍ଟ କ୍ଷତିପୂରଣ ଦାବି କରୁଥିବା ବେଳେ ପୂର୍ବରୁ ନିର୍ମାଣକାରୀ ସଂସ୍ଥାକୁ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ବାଧା ସୃଷ୍ଟି ହୋଇଥିଲା। ବାଇପାସ୍ ରାଜପଥ ନିର୍ମାଣରେ ପ୍ରଭାବିତ ହେଉଥିବା ଲୋକଙ୍କୁ ବର୍ଦ୍ଧିତ ଦରରେ କ୍ଷତିପୂରଣ ପ୍ରଦାନ ନେଇ ହାଇକୋର୍ଟରେ ୧୬ଜଣ ପ୍ରଭାବିତ ମାମଲା ଦାଏର କରିଥିଲେ। ଯାହାକୁ ନେଇ ନିର୍ମାଣରେ ସମସ୍ୟା ସୃଷ୍ଟି ହୋଇଥିଲା। ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କଲେ ତହସିଲ ପକ୍ଷରୁ ସମସ୍ତ ସହାୟତା



ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦିଆଯାଇଥିଲା। ପୂର୍ବରୁ ରାଇରଙ୍ଗପୁର ତହସିଲ ପକ୍ଷରୁ ଏହାର ସମାଧାନ କରି ଜମି ଅଧିଗ୍ରହଣ ସମସ୍ୟା ସମାଧାନ କରିଥିଲେ। ନୂଆଗାଁ ଗ୍ରାମ ଠାରୁ ପୁରୁଣାପାଣି, ସିଜୁକଲା ଓ ରାଣୀପାଳ ପର୍ଯ୍ୟନ୍ତ ରାସ୍ତା ପାଇଁ କୌଣସି ପ୍ରତିବନ୍ଧକ ନଥିଲା। ଜମି ଅଧିଗ୍ରହଣ ପାଇଁ ବର୍ଦ୍ଧିତ ଦର କ୍ଷତିପୂରଣ ଅର୍ଥ ରାଶି ପ୍ରଦାନ କରିବା ପାଇଁ କିଛି ଲୋକେ କୋର୍ଟରେ ମାମଲା କରିଥିଲେ। ତେବେ ଏହାର ସମାଧାନ କରି ସୁରୁଖୁରୁରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ପୁରୁଣାପାଣି ପଟୁ ୭୦୦ମିଟର, ପଟେପାଣି ପଟୁ ୮୦୦ମିଟର ଓ ରାଣୀପାଳ ପଟୁ ୫୦୦ମିଟର ରାସ୍ତା କାମ ଆଗେଇ ଚାଲିଥିଲା। ଉକ୍ତ ବାଇପାସ ରୋଡଟି ଯଶିପୁର ଜାତୀୟ ରାଜପଥକୁ ସଂଯୋଗ କରିବାକୁ ଥିବାବେଳେ ଅନ୍ୟ ବାଧକ ସମାଧାନ ପାଇଁ କାଗଜପତ୍ର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। କିନ୍ତୁ ଏହାପରେ ସରକାରୀ କାର୍ଯ୍ୟ ଧିମା ପଡ଼ିଥିଲା। ବାଇପାସ ରାସ୍ତା ନିର୍ମାଣରେ ପୁରୁଣାପାଣି ଓ ପଟେପାଣି ଗ୍ରାମର ଅନେକ ଲୋକଙ୍କ ଜମି ଯାଉଥିବା ବେଳେ ଜମି ଅଧିଗ୍ରହଣ ଟଙ୍କା ମିଳିନାହିଁ। ଯାହାକୁ ନେଇ ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସମାଧାନ ହେଲା ନାହିଁ। ଯାହାକୁ ନେଇ ଗ୍ରାମବାସୀ ପଟେପାଣି ନିକଟରେ ବାଇପାସ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ। ଜମି ଅଧିଗ୍ରହଣ ଟଙ୍କା ନଦେଇ ତାଙ୍କ ଜମିରେ ନିର୍ମାଣ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଇରଙ୍ଗପୁର ତହସିଲଦାର ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ତେବେ ଜମି ଅଧିଗ୍ରହଣ ଟଙ୍କା ନମିଳିଲେ ନିର୍ମାଣ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ମାନେ କହିଛନ୍ତି। ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଖୁବଶୀଘ୍ର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ତେବେ ପ୍ରଶାସନିକ ସ୍ତରରେ ଅବହେଳା ପାଇଁ ଜମିଜମା ବିବାଦର ସମାଧାନ କରି ବହୁ ପ୍ରତିକ୍ଷିତ ରାଇରଙ୍ଗପୁର ବାଇପାସ ରାସ୍ତା ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଛି।

## ଲକ୍ଷାଧିକ ଟଙ୍କାର ଅନ୍‌ଲାଇନ୍ ଠକେଇ

ରାଇରଙ୍ଗପୁର/କରଞ୍ଜିଆ, ୨୭।୫(ସମିସ): ସାଇବର ଅପରାଧୀ ଲକ୍ଷାଧିକ ଟଙ୍କାର ଅନ୍‌ଲାଇନ୍ ଠକେଇ କରିଛନ୍ତି। ଏ ନେଇ କରଞ୍ଜିଆ ସବ୍‌ଜଜ୍ ଅମିତ ସ୍ୱରୂପ କୁମାର ସେଠ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ନିଜକୁ ଦିଲ୍ଲୀର ଜଣେ ଓକିଲ ବୋଲି ପରିଚୟ ଦେଇଥିଲେ। ଜଣେ ବ୍ୟକ୍ତି ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୟୁପିଆଇ ମାଧ୍ୟମରେ ୧, ୫୦, ୦୦୦ ଟଙ୍କା ପଠାଇଥିବା ବେଳେ ତାହାକୁ ଫେରସ୍ତ କରିବା ପାଇଁ ନିବେଦନ କରିଥିଲେ। ଯାହାକୁ ନେଇ ସେ ସ୍କ୍ରିନ ସଟ୍ ପ୍ରମାଣ ପ୍ରଦାନ କରିଥିଲେ। ସେ ତାଙ୍କ କଥାକୁ ବିଶ୍ୱାସ କରି ଉକ୍ତ ଟଙ୍କା ଫେରସ୍ତ କରି ଦେଇଥିଲେ। ଏହାର କିଛି ସମୟ ପରେ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କୁ କୌଣସି ଟଙ୍କା ଆସିନାହିଁ। ଏହା ସାଇବର ଅପରାଧୀଙ୍କ ଚାଲ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ୨ ବାଲି ବୋଝେଇ ଗାଡ଼ି ଜବତ



ବୈଶିଙ୍ଗା।, ୨୭।୫ (ସମିସ): ବୈଶିଙ୍ଗା ଥାନା ଅଧୀନ ବାଲକା ରାସ୍ତାରେ ଚଢ଼ଉ କରାଯାଇ ଦୁଇଟି ବେଆଇନ ବାଲି ବୋଝେଇ ଗାଡ଼ି ଜବତ କରିବା ସହ ୨ ଚାଳକଙ୍କୁ ଥାନାରେ ଅଟକ ରଖି ବୈଶିଙ୍ଗା ପୁଲିସ ତଦନ୍ତ ଆରମ୍ଭ କରିଛି। ବୁଢ଼ାବଳଙ୍ଗ ନଦୀର ପଞ୍ଚପୁଟୁଳି ଘାଟରୁ ବୈଶିଙ୍ଗା ଅଞ୍ଚଳକୁ ବେଆଇନ ବାଲି ଚାଲାଣ ହେଉଥିବା ନେଇ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଆଜି ଅପରାହ୍ନରେ ସେ ତାଙ୍କ ଟିମ୍ ନେଇ ବୈଶିଙ୍ଗା-ବାଲକା-ପଞ୍ଚପୁଟୁଳି ରାସ୍ତାରେ ଅତର୍କିତ ଚଢ଼ଉ କରିଥିଲେ। ବାଲକା ନିକଟରେ ରାସ୍ତାରେ ବେଆଇନ ବାଲି ବୋଝେଇ କରି ବୈଶିଙ୍ଗା ଅଭିମୁଖେ ଆସୁଥିବା ଟିପ୍ପର ଓ ଟ୍ରାକ୍ଟରକୁ ଜବତ କରିଥିଲେ। ପରେ ବୈଶିଙ୍ଗା ପୁଲିସକୁ ଖବର ଦେଇ ତାଙ୍କ ସହାୟତାରେ ୨ଟି ବାଲି ବୋଝେଇ ଗାଡ଼ିକୁ ବୈଶିଙ୍ଗା ଥାନାକୁ ନେବା ସହିତ ୨ ଚାଳକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଉଭୟ ବେଆଇନ ବାଲି ଚଲାଣରେ ଲିପ୍ତ ଥିବା ଗାଡ଼ିକୁ ମାଇନିଂ ବିଭାଗକୁ ହସ୍ତାନ୍ତର କରାଯିବା ସହିତ ଆଗକୁ ଚଢ଼ଉ ଜୋରଦାର ହେବ ବୋଲି ଏସଡିପିଓ ଶ୍ରୀତୀ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଜେଏମ୍‌ଏମ୍ ପକ୍ଷରୁ ରାସ୍ତା ନିର୍ମାଣ ଓ ପୋଲ ମରାମତି ଦାବି



ବାରିପଦା, ୨୭।୫(ସମିସ): ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ବାରିପଦାସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ବିଭାଗ(ପିଡବ୍ଲୁଡି)ର ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଶିଳଦା ପୋଲ ମରାମତି କାର୍ଯ୍ୟ ଆରମ୍ଭ ଓ ମାଳିହତା-ନୁହାଝାଳିଆ ରାସ୍ତା ନିର୍ମାଣ ବାବଦରେ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ମଧ୍ୟ ମୋରଡ଼ା ବ୍ଲକସ୍ଥିତ ଶିଳଦା ପୋଲ ମରାମତି କାର୍ଯ୍ୟ ବାବଦରେ ଦାବି କରିଥିଲା ଓ ଧାରଣା ମଧ୍ୟ ଦେଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କାମ ଆରମ୍ଭ ହୋଇ ନାହିଁ। ଆଗକୁ ବର୍ଷା ଆସୁଛି ଅତିଶୀଘ୍ର କାମ ଆରମ୍ଭ କରିବାକୁ ଦାବି ରଖିଛନ୍ତି। ସେହି ବିଭାଗରେ ଥିବା ମାଳିହତା ଠାରୁ ନୂଆଝାଳିଆ ପର୍ଯ୍ୟନ୍ତ ରାସ୍ତାର ଅତି ଖରାପ ଅବସ୍ଥାରେ ଥିବାରୁ ଯଥାଶୀଘ୍ର ରାସ୍ତା ପୁନଃନିର୍ମାଣ ପାଇଁ ଦାବି କରାଯାଇଛି। ଦାବିଗୁଡ଼ିକ ତୁରନ୍ତ ପୂରଣ ନହେଲେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦିବାକର ସୋରେନ, ଯୁବନେତା ଅମୀର ଖାନ, ସିପୁ ମୁଦୁଲି, ସୁଜିତ ବେହେରା, ସହର ସଭାପତି ତୋରେନ ସେନାପତି, ଏସ କେ ନୁରୁଲ, ଗେଡୁ ମହାନ୍ତ ଓ ଜଗା ସୋରେନ ପ୍ରମୁଖ ଯୋଗଦେଇଥିଲେ।

## ଉଦ୍ଧାର ନାବାଳିକା ପରିବାର ଲୋକଙ୍କୁ ହସ୍ତାନ୍ତର

ରାଇରଙ୍ଗପୁର, ୨୭।୫(ସମିସ): ରାଇରଙ୍ଗପୁର ଟାଉନ ଥାନା ପୁଲିସ ନିଖୋଜ ଥିବା ଜଣେ ନାବାଳିକାକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ରାଇରଙ୍ଗପୁର ଅଞ୍ଚଳର ଉକ୍ତ ନାବାଳିକା ଜଣକ କିଛିଦିନ ହେବ ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ନାବାଳିକାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଟାଉନ ଥାନାକୁ ଆଣିବା ପରେ ପଚରାଉଚରା କରାଯାଇଥିଲା। ସମସ୍ତ ଆଇନ ପ୍ରକ୍ରିୟା କରିବା ପରେ ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

● ମାଛଧରାକୁ କେନ୍ଦ୍ର କରି ୩ ଗ୍ରାମ ମଧ୍ୟରେ ବିବାଦ

## ସୀମା ନିର୍ଦ୍ଧାରଣ ଦାବିରେ ତହସିଲ କାର୍ଯ୍ୟାଳୟ ଘେରାଉ

ରାଇରଙ୍ଗପୁର, ୨୭।୫(ସମିସ): ମାଛ ଧରିବାକୁ କେନ୍ଦ୍ର କରି ଦୁଇ ଗ୍ରାମ ମଧ୍ୟରେ ବିବାଦର ସୂତ୍ରପାତ ହୋଇଛି। ଯାହାକୁ ନେଇ ସୀମା ନିର୍ଦ୍ଧାରଣ କରିବା ଦାବିରେ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏହିପରି ଘଟଣା ଜାମଦା ତହସିଲ ଅଞ୍ଚଳରେ ଘଟିଛି। ଧଳପୁର ଏମ୍‌ଆଇପି ବନ୍ଧକୁ କେନ୍ଦ୍ର କରି ଖଇରପାଳ, ମାଟିଆଳି ଓ ଧଳପୁର ଗ୍ରାମବାସୀଙ୍କ ମଧ୍ୟରେ ମାଛଧରାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଖଇରପାଳ ଓ ମାଟିଆଳି ଗ୍ରାମବାସୀଙ୍କ ଅଭିଯୋଗ, ପାଣି ପଞ୍ଚାୟତ ଯୋଜନା ଅନ୍ତର୍ଗତ ଥିବା ଧଳପୁର ଏମ୍‌ଆଇପି ବନ୍ଧ ପ୍ରାୟ ଅଧିକାଂଶ ଅଂଶ ଖଇରପାଳ ଓ ମାଟିଆଳି ଗ୍ରାମ ସୀମା ଭିତରେ ରହିଛି। କିନ୍ତୁ ସେମାନଙ୍କୁ ମାଛଧରା ଅଧିକାରରୁ ବଞ୍ଚିତ କରାଯାଉଛି। ଖଇରପାଳ ଗ୍ରାମବାସୀ ଓ ମାଟିଆଳି ଗ୍ରାମବାସୀଙ୍କୁ ଉକ୍ତ ବନ୍ଧରେ ମାଛ ଧରିବାକୁ ନେଇ ଧଳପୁର ଗ୍ରାମବାସୀ ବାରମ୍ବାର ବିରୋଧ କରୁଛନ୍ତି। ଯାହା ଫଳରେ ଦୁଇଗ୍ରାମ ମଧ୍ୟରେ ବାରମ୍ବାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେଉଛି। ବନ୍ଧ ବଡ଼ ଅଂଶ ସେମାନଙ୍କ ଗ୍ରାମ ସୀମାରେ ଥିବାରୁ ସେମାନଙ୍କ ସମାନ ଭାବେ ମାଛଧରା ଅଧିକାର ରହିଛି। ସୀମା ନିର୍ଦ୍ଧାରଣ କରି ସମସ୍ୟାର ସମାଧାନ କରିବା ପାଇଁ ଦୁଇ ଗ୍ରାମବାସୀ ଜାମଦା ତହସିଲରେ ପହଞ୍ଚି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ସମାଧାନ ନହେଲେ ଗ୍ରାମବାସୀ ମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ତହସିଲଦାର ଅନିତା ସ୍ୱାଇଁ ସମସ୍ୟା ସମାଧାନ ନିମନ୍ତେ ସୀମା ନିର୍ଦ୍ଧାରଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଘେରାଉ ସ୍ଥଗିତ କରିଥିଲେ। ୩ ଟି ଗ୍ରାମକୁ ନେଇ ବୈଠକ କରି ସମାଧାନ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି।

● ନିଟ ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାର ପ୍ରତିବାଦ

## ଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ




ବାରିପଦା, ୨୭।୫(ସମିସ): ନିଟ୍ ୟୁଜି -୨୦୨୬ ପରୀକ୍ଷାରେ ବ୍ୟାପକ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ମାମଲାର ନିରପେକ୍ଷ ତଦନ୍ତ, ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛ ଶିକ୍ଷା ସଂସ୍କାର ଦାବି କରି ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ପକ୍ଷରୁ ଆଜି ଦେଶର ୬୨୫ଟି ଜିଲ୍ଲା ମୁଖ୍ୟାଳୟରେ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରାଯିବା ସହ ସଂଗଠନ ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ୧୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପରିପେକ୍ଷୀରେ ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ସ୍ମାରକପତ୍ର ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ପକ୍ଷରୁ ଉପସ୍ଥାପନ କରାଯାଇଥିବା ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ନିଟ ୟୁଜି ୨୦୨୬ ପେପର୍ ଲିକ୍ ମାମଲାର ଏକ ସ୍ୱତନ୍ତ୍ର ଓ ନିରପେକ୍ଷ ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ନିଜ ପଦରୁ ତୁରନ୍ତ ଇସ୍ତଫା ଦେବା, ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ)କୁ ତୁରନ୍ତ କଳା ତାଲିକାଭୁକ୍ତ କରି ନିଷିଦ୍ଧ କରାଯାଉ ଏବଂ ପରୀକ୍ଷା ପରିଚାଳନା ଦାୟିତ୍ୱ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ହସ୍ତାନ୍ତର, ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ପୁରୁଣା ଓଏମଆର ପଦ୍ଧତି ବଦଳରେ ତୁରନ୍ତ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି), ପ୍ରଶ୍ନପତ୍ର ପ୍ରସ୍ତୁତି ଏବଂ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଓ ନିରପେକ୍ଷ ସଂସ୍ଥା ଗଠନ, ପେପର ଲିକ୍ ଓ ମାନସିକ ଚାପ ଯୋଗୁଁ ପ୍ରାଣ ହରାଇଥିବା ପରୀକ୍ଷାର୍ଥୀଙ୍କ ପରିବାରକୁ ଅତି କମରେ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ସରକାରୀ ଚାକିରି, ଦୀର୍ଘକାଳୀନ ଶିକ୍ଷା ସଂସ୍କାର ଭାବରେ ଏକ ରାଷ୍ଟ୍ର, ଗୋଟିଏ ଶିକ୍ଷା, ଗୋଟିଏ ପାଠ୍ୟକ୍ରମ, ଗୋଟିଏ ଫି ଭଳି ସମାନ ନୀତି ଲାଗୁ, ଶିକ୍ଷାର ବ୍ୟବସାୟୀକରଣ ଓ ଘରୋଇକରଣ ଉପରେ ରୋକ୍ ଲଗାଯିବା ଇତ୍ୟାଦି ଦାବି କରାଯାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

ରାଇରଙ୍ଗପୁର, ୨୭।୫(ସମିସ): ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ୱାର୍ଡ ନମ୍ବର ୧୩ ସିଗନାଲ ସାହି ନିବାସୀ ଶ୍ରବଣ କୁମାର ଦାସଙ୍କ ପତ୍ନୀ ଯବା ଦାସ (୨୬)। ଘରେ ଫ୍ୟାନ ସୁଇଚ ଦେଉଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ଗୁରୁତରଅବସ୍ଥାରେତାଙ୍କୁରାଇରଙ୍ଗପୁରଉପଖଣ୍ଡଚିକିତ୍ସାଳୟରେଭର୍ତ୍ତିକରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଛି।

## ମନ୍ତ୍ରୀଙ୍କ ଉଦ୍‌ଘାଟନର ଦିନ ପରେ ପ୍ରକଳ୍ପ ଅଚଳ

# ୧୫ ଦିନ ହେଲା ଆସୁନି ପାଣି, ଲୋକେ ହନ୍ତସନ୍ତ

ସାରସକଣା, ୨୭।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ସାରସକଣା ବ୍ଲକ ଅନ୍ତର୍ଗତ ଜାମଶୋଳାଠାରେ ୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବୃହତ ପାନୀୟଜଳ ପ୍ରକଳ୍ପକୁ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଉଦ୍‌ଘାଟନ କରିଥିଲେ। ଉକ୍ତ ପ୍ରକଳ୍ପ ମାଧ୍ୟମରେ ତିନୋଟି ପଞ୍ଚାୟତକୁ ପାନୀୟଜଳ ପହଞ୍ଚିବ ବୋଲି ଘୋଷଣା କରିଥିଲେ। ଉକ୍ତ ସଭାରେ ସ୍ଥାନୀୟ ବିଧାୟକ, ସାଂସଦ, ଜିଲ୍ଲାପାଳ ଓ ଅନ୍ୟ ବିଧାୟକ, ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ତେବେ ଉଦ୍‌ଘାଟନୀ ଦିବସର ଗୋଟିଏ ଦିନ ପରେ ଅର୍ଥାତ୍ ୧୫ ଦିନ ପୂର୍ବରୁ ପାଣି ଆସି ନ ଥିଲା। ସେବେଠାରୁ ପ୍ରତ୍ୟେକ ଦିନ ମହିଳାମାନେ ପାଣି ଟ୍ୟାପ ପାଖକୁ ଯାଇ ନଳ ଖୋଲୁଛନ୍ତି, ହେଲେ ସେଥିରେ ପାଣି ଆସୁନାହିଁ। ପଚାରିବାରୁ ବିଭାଗ ପକ୍ଷରୁ କୁହାଯାଇଛି ନଦୀରୁ ଜଳ ଉତ୍ତୋଳନ କରୁଥିବା ମେସିନର ଯାନ୍ତ୍ରିକ ତ୍ରୁଟି ପାଇଁ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ତେବେ ପ୍ରଶ୍ନ ଉଠୁଛି ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦିନ ଲୋକଙ୍କୁ ଖୁସି କରିବାକୁ ବେଶ ପାନୀୟଜଳ ଛାଡି ଦିଆଗଲା। ଇତିମଧ୍ୟରେ ୧୪ ଦିନ ଧରି ପାନୀୟ ଜଳ ଯୋଗାଣ ନ ହେବା, ଯଦିଓ କୌଣସି ଯାନ୍ତ୍ରିକ ତ୍ରୁଟି ରହିଛି ତାହାଲେ ତୁରନ୍ତ ତାକୁ ମରାମତି କରିବା କ'ଣ ଆବଶ୍ୟକ ନ ଥିଲା। ମନ୍ତ୍ରୀ ଆସି ଫେରିଯିବା ପରେ ବିଭାଗୀୟ ଅଧିକାରୀଙ୍କ କର୍ତ୍ତବ୍ୟ ସରିଗଲା। ମନ୍ତ୍ରୀ ଆସିବାବେଳେ ୨୫ରୁ ଅଧିକ ବସ୍‌ରେ ବିଭିନ୍ନ ପଞ୍ଚାୟତରୁ ଲୋକଙ୍କୁ ଅଣାଗଲା। ଭାଷଣ ଦିଆଗଲା, ଲୋକଙ୍କ ପାଇଁ ଖରାରେ ଖାଦ୍ୟ ବ୍ୟବସ୍ଥା ହେଲା। ମନ୍ତ୍ରୀ ନେତା ଓ ଅଧିକାରୀ ଶୀତତାପ ନିୟନ୍ତ୍ରକ ରୁମ ଭିତରେ ଖାଇଲେ। ହେଲେ ଯେଉଁଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲା ସେଇ ପାନୀୟଜଳ ଏବେ ଲୋକଙ୍କ ପାଇଁ ସ୍ୱପ୍ନ ହୋଇଛି।



ଖୁଣ୍ଟ ଠିଆ ହୋଇଛି, ପାଣି ଟ୍ୟାପ ଲାଗିଛି, ହେଲେ ସେଥିରେ ପାଣି ଆସୁନାହିଁ। ପ୍ରଚଣ୍ଡ ଖରାରେ ପାନୀୟଜଳ ପାଇଁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ବିଜେଡି ବ୍ଲକ ସଭାପତି ମଣିଶଙ୍କର ବାରିକ ଏ ବାବଦରେ ସାରସକଣା ବିଡିଓ, ପାନୀୟଜଳ ବିଭାଗ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲେ। ଏହି ବାବଦରେ ଯନ୍ତ୍ରୀ କହିଥିଲେ, ଆଜି ସନ୍ଧ୍ୟା ସୁଦ୍ଧା ଯାନ୍ତ୍ରିକ ତ୍ରୁଟି ସମାଧାନ ହୋଇଯିବ। ନ ହେଲେ ପାଣି ଟାଙ୍କି ଦ୍ୱାରା ଲୋକଙ୍କ ପାଖରେ ପାଣି ପହଞ୍ଚିବ। ଯଦି ଦୁଇ ଦିନ ଭିତରେ ସମାଧାନ ନ ହୁଏ, ଆଗାମୀ ଦିନରେ ବ୍ଲକ ଘେରଉ କରାଯିବ ବୋଲି ବିଜେଡି ବ୍ଲକ ସଭାପତି କହିଛନ୍ତି।

## ରେଳବାଇରେ ଚାକିରି ଲୋଭ ଦେଖାଇ ନେଇଗଲେ ୭ ଲକ୍ଷ

ବାରିପଦା, ୨୭।୫(ସମିସ): ରେଳବାଇରେ ଚାକିରି କରାଇ ଦେବାର ମିଛ ପ୍ରଲୋଭନ ଦେଖାଇ ସାଇବର ଅପରାଧୀମାନେ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଠକେଇର ଶିକାର ହୋଇଥିବା ଠାକୁରମୁଣ୍ଡା ଥାନା ପଡ଼ିଆବେଡ଼ା ଗ୍ରାମର ରମେଶ ଚନ୍ଦ୍ର ଟୁଡୁ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ରେଳବାଇରେ ନିଯୁକ୍ତି ପ୍ରକ୍ରିୟା ହେଉଛି। ଚାକିରି ନିମନ୍ତେ ଟଙ୍କା ପ୍ରଦାନ କରିଲେ ଚାକିରି ହେବ ବୋଲି ମିଛ ପ୍ରତିଶ୍ରୁତି ଦେଇଥିଲେ। ଯାହାକୁ ନେଇ ସେ ତାଙ୍କୁ କାଗଜପତ୍ର ପ୍ରଦାନ କରିଥିଲେ। ଏହାପରେ ତାଙ୍କ କହିବା ଅନୁଯାୟୀ ୭ ଲକ୍ଷ ୧୦ହଜାର ୬୯୩ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ପାଇବା ପରେ ସାଇବର ଅପରାଧୀମାନେ ଆଉ ଯୋଗାଯୋଗ କରି ନ ଥିଲେ। ସେ ଯୋଗାଯୋଗ କରିବାକୁ ଚେଷ୍ଟା କରିବାରୁ ତାହା ସମ୍ଭବ ହୋଇନଥିଲା। ସେ ସାଇବର ଅପରାଧୀଙ୍କ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଜଳସେଚନ ଅଭାବରୁ ବାଧାପ୍ରାପ୍ତ ହେଉଛି ଚାଷ

କୁଆମରା, ୨୭।୫(ସମିସ): ଗୋପବନ୍ଧୁନଗର ଓ ଖୁଣ୍ଟା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ୮୦ ପ୍ରତିଶତ ଲୋକ ଏଠାରେ ଚାଷ ଉପରେ ନିର୍ଭର କରନ୍ତି। ମୁଖ୍ୟ ଜୀବିକା କହିଲେ ଧାନ। ଖରିଫ ଋତୁରେ ଧାନଚାଷ ହେଉଥିବାବେଳେ ରବିଋତୁରେ ୪୦ ପ୍ରତିଶତ ଲୋକ ପରିବା ଚାଷ କରି ପରିବାର ଗୁଜୁରାଣ ମେଣ୍ଟାଇଥା'ନ୍ତି। ଖରିଫ ଋତୁରେ ଗୋପବନ୍ଧୁନଗର ବ୍ଲକର ସାଢେ ଦଶ ହଜାର ହେକ୍ଟର ଜମିରେ ଧାନଚାଷ ହେଉଥିବାବେଳେ ଖୁଣ୍ଟା ବ୍ଲକରେ ୧୨ ହଜାର ହେକ୍ଟର ଜମିରେ ପ୍ରତିବର୍ଷ ଧାନ ଚାଷ ହେଉଛି। ସେହିଭଳି ରବି ଋତୁରେ ଖୁଣ୍ଟା ବ୍ଲକରେ ୪୦ ପ୍ରତିଶତ ଜମିରେ ପରିବା ଚାଷ ହେଉଥିବାବେଳେ ଗୋପବନ୍ଧୁନଗର ବ୍ଲକରେ ୩୦ ପ୍ରତିଶତ ଜମିରେ ପରିବା ଚାଷ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ରହିଛି। ତେବେ ଖରିଫ ଋତୁରେ ନିୟମିତ ବର୍ଷା ଅଭାବରୁ ଚାଷ କାର୍ଯ୍ୟରେ ବାଧା ଉପୁଜୁଛି। ବର୍ଷା ଅଭାବ ଓ ମୌସୁମୀର ଲୁଚକାଳି ଖେଳ ଚାଷୀଙ୍କୁ ହତାଶ କରିବା ସହ ମନୋବଳକୁ ଦୁର୍ବଳ କରୁଛି। ଜଳସେଚନ ପ୍ରକଳ୍ପର ଅଭାବ ଥିବାରୁ ଚାଷ ବାଧାପ୍ରାପ୍ତ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି।



୨୦୧୯ଠାରୁ କ୍ରମାଗତ ଜୁଲାଇର ଶେଷ ଭାଗରେ ମୌସୁମୀ ବର୍ଷା ହେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ପହିଲି ଆଷାଢ଼ ବେଳକୁ ବର୍ଷା ହେଉଥିଲା ଓ ନିୟମିତ ବର୍ଷା ହେଉଥିବାବେଳେ ଚାଷ କାମ ସଠିକ୍ ସମୟରେ ହୋଇପାରୁଥିଲା। ମାତ୍ର ବିଗତ କିଛିବର୍ଷ ହେବ ପ୍ରକୃତି ଦାଉ ସାଧିବା ସାଙ୍ଗକୁ ଜଳସେଚନ ପ୍ରକଳ୍ପର ଅଭାବ ଯୋଗୁଁ ମରୁଡ଼ି ପରିସ୍ଥିତି ଦେଖାଦେଉଛି। ଯାହା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଉଛି। ଯଥେଷ୍ଟ ପୂର୍ବରୁ ମୌସୁମୀ ଦୁର୍ବଳ ହେବା ଯୋଗୁଁ ବର୍ଷା ଛାଡ଼ିଯାଉଛି ଓ ମରୁଡ଼ି ପରିସ୍ଥିତି ଦେଖାଦେଉଛି। ଏ ପରିସ୍ଥିତିରେ ସରକାର ଓ କୃଷି ବିଭାଗ ପକ୍ଷରୁ ଯଦି ସମସ୍ତ ଅଞ୍ଚଳରେ ଜଳ ପ୍ରକଳ୍ପ ସ୍ଥାପନ କରାଯା'ନ୍ତା; ତେବେ ଚାଷ ପାଇଁ ଚାଷୀଙ୍କ ଉତ୍ସାହ ବଢ଼ିବା ସହ ଅଧିକ ଅମଳ ହୋଇପାରନ୍ତା।

ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ୫୦୦ ମିଲିମିଟର ବର୍ଷାର ଆବଶ୍ୟକତା ଥିବାବେଳେ ଏବେ ପାଖାପାଖି ୨୦୦ ଶହ ମିଲିମିଟର ବର୍ଷା ହେଉଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି। ବର୍ଷାକୁ ନିର୍ଭର ନ କରି ଚାଷ କାର୍ଯ୍ୟ ଆଗକୁ ବଢ଼ାଇବାକୁ ହେଲେ ପ୍ରତି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚାଷଜମିରେ କେନାଲ କରାଯିବା ସହ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସ୍ଥାପନ ଜରୁରୀ। ଦୁଇ ବ୍ଲକରେ ୧୦ ପ୍ରତିଶତ ଜମି ଜଳସେଚିତ ହେଉଥିବାବେଳେ ସେଥିରୁ ୫ ପ୍ରତିଶତ ଜମିରେ ପାଣି ମାଡୁନାହିଁ। କେଉଁଠି ପ୍ରକଳ୍ପର ମେସିନ ଅଚଳ ତ କେଉଁଠି ବିଜୁଳି ସଂଯୋଗ ବିଚ୍ଛିନ୍ନ ରହିଛି। ଅନେକ ସ୍ଥାନରେ ମରାମତି ଓ ଯତ୍ନ ଅଭାବରୁ କେନାଲ ଭାଙ୍ଗିଯାଇଛି ତ ଆଉ କେଉଁଠି ପୋତି ହୋଇପଡ଼ିଛି। ଏଗୁଡ଼ିକ କାମରେ ଲାଗୁ ନ ଥିବାବେଳେ ଏବେ ପ୍ରକୃତି ଉପରେ ନିର୍ଭର କରି ବସିଛି ଚାଷୀ। ଚାଷୀଙ୍କ ସ୍ୱାର୍ଥ ପାଇଁ ୨୦୧୪ରେ ଗୋପବନ୍ଧୁନଗର ବ୍ଲକ ଜୟପୁରଠାରେ ୨୧୬ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟରେ ଏକ ବ୍ୟାରେଜ ଶିଳାନ୍ୟାସ ହୋଇଥିଲା। ଯାହା ୯୯୦୦ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ବୋଲି କୁହାଯାଇଥିଲା। ଆଜି ପର୍ଯ୍ୟନ୍ତ କାର୍ଯ୍ୟର ନାଁ ଗନ୍ଧ ନାହିଁ। ସେହିପରି ଗଙ୍ଗାହାର ନଦୀକୂଳରେ ବୃହତ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସରିଥିଲେ ମଧ୍ୟ ଚାଷୀଙ୍କ କାମରେ ଲାଗିପାରିନାହିଁ। ତେବେ ପ୍ରତି ପଞ୍ଚାୟତରେ ଉଠା ଜଳସେଚନ ନିର୍ମାଣ ହେଲେ ଚାଷୀ ବର୍ଷରେ ଦୁଇ ଫସଲ ଅମଳ କରିବା ସହ ଆର୍ଥିକ ପରିସ୍ଥିତି ସୁଧୁରିଯା'ନ୍ତା ବୋଲି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣା, ବିଜେପି ମଣ୍ଡଳ ସଭାପତି ଦୀନକୃଷ୍ଣ ଦାସବାବୁ, ସଫଳ ଚାଷୀ କରୁଣାକର ମହାପାତ୍ର, ରବିକାନ୍ତ ଦାସ, ପ୍ରଦୀପ୍ତ ମହାରଣା ପ୍ରମୁଖ କହିଛନ୍ତି।

